# NATIONAL NEWS BULLETIN (ODIA)

**18 May- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ପ୍ରାଥମିକ କୃଷି ଋଣ ସମବାୟ ସମିତିଗୁଡ଼ିକ ପାଇଁ ଏକ ନୂତନ ନୀତି ପ୍ରସ୍ତୁତ ନେଇ ଘୋଷଣା କଲେ ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ

- ବିଭିନ୍ନ ରାଷ୍ଟ୍ରକୁ ଗସ୍ତ କରିବାକୁ ଥିବା  ୭ଟି ପ୍ରତିନିଧି ମଣ୍ଡଳୀ ଆତଙ୍କବାଦ ବିରୁଦ୍ଧରେ ଭାରତର ସାମହିକ ସଂକଳ୍ପକୁ  ବିଶ୍ୱ ସମ୍ମୁଖରେ ପ୍ରତିଫଳନ କରିବ, କହିଲେ ସାଂସଦୀୟ ବ୍ୟାପାର ମନ୍ତ୍ରୀ

- ହାଇଦ୍ରାବାଦ ଗୁଲ୍‌ଜାର ହାଉସ ଅଟ୍ଟାଳିକା ଅଗ୍ନିକାଣ୍ଡ ଘଟଣାରେ ମୃତ୍ୟୁସଂଖ୍ୟା ୧୭କୁ ବୃଦ୍ଧି

–ପ୍ରଧାନମନ୍ତ୍ରୀଙ୍କ ଗଭୀର ଶୋକ ପ୍ରକାଶ

- ଯୁକ୍ତରାଷ୍ଟ୍ର ଆମେରିକାରେ ଭୟାବହ ଘୂର୍ଣ୍ଣିଝଡ଼ ପ୍ରଭାବରେ ୨୭ଜଣଙ୍କର ମୃତ୍ୟୁ

ଏବଂ

- ଆଜି ପାଳନ କରାଯାଉଛି ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସ

## ଶାହା-କୋଅପରେଟିଭ୍

ପ୍ରାଥମିକ କୃଷି ଋଣ ସମବାୟ ସମିତିଗୁଡ଼ିକ ପାଇଁ ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଏକ ନୂଆ ନୀତି ପ୍ରସ୍ତୁତି ନେଇ ଘୋଷଣା କରିଛନ୍ତି । ଅହମ୍ମଦାବାଦର ସାଇନ୍ସ ସିଟିଠାରେ ଗୁଜରାଟ ରାଜ୍ୟ ସମବାୟ ସଂଘ ଦ୍ୱାରା

ଆୟୋଜିତ ସମବାୟ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ ଶାହା ଏହା କହିଛନ୍ତି । ପ୍ୟାକ୍ସର ପୁନରୁଦ୍ଧାର ଦ୍ୱାରା ଦେଶର ସମବାୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ନେଇ ସରକାରଙ୍କ ପ୍ରତିବଦ୍ଧତା ଉପରେ ଶ୍ରୀ ଶାହା ଗୁରୁତ୍ୱାରୋପ କରିଛନ୍ତି । ଆସନ୍ତା ୨୦୨୯ ସୁଦ୍ଧା ଦେଶର ପ୍ରତ୍ୟେକ ପଞ୍ଚାୟତରେ ପ୍ୟାକ୍ସ ପ୍ରତିଷ୍ଠା କରିବା ନେଇ ସରକାରଙ୍କ ମହତ୍ୱାକାଂକ୍ଷୀ ଯୋଜନା ଉପରେ ଶ୍ରୀ ଶାହା ଏହି ଅବସରରେ ଆଲୋକପାତ କରିଛନ୍ତି । ଏଭଳି ପଦକ୍ଷେପ ଦ୍ୱାରା ସମବାୟ ଜମାପୁଞ୍ଜିରେ ୧୧ ହଜାର କୋଟି ଟଙ୍କା ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟର ୮ଶହ ସମବାୟ ସମିତିର ପ୍ରତିନିଧିତ୍ୱ କରୁଥିବା ୪ ହଜାରରୁ ଅଧିକ ପ୍ରତିନିଧି ଅଂଶ ଗ୍ରହଣ କରିଛନ୍ତି । ଦୁଇଦିନିଆ ଗୁଜରାଟ ଗସ୍ତରେ ଯାଇ ଶ୍ରୀ ଶାହା ଅହମ୍ମଦାବାଦ ଏବଂ ମେହଶାଣାରେ କେତେକ କାର୍ଯ୍ୟକ୍ରମରେ ଯୋଗ ଦେବାର କାର୍ଯ୍ୟସୂଚୀ ରହିଛି ।

## ଅଲ୍ ପାର୍ଟି ଡେଲିଗେସନ୍‌ସ

ଅପରେସନ୍ ସିନ୍ଦୂର ପଦକ୍ଷେପ ସମ୍ପର୍କରେ ଅବଗତ କରିବା ଲାଗି ୭ଟି ସର୍ବଦଳୀୟ ପ୍ରତିନିଧି ମଣ୍ଡଳି ଖୁବ୍‌ଶୀଘ୍ର କେତେକ ପ୍ରମୁଖ ରାଷ୍ଟ୍ରଗୁଡ଼ିକୁ ଗସ୍ତ କରିବେ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ରିଜିଜୁ କହିଛନ୍ତି, ଆତଙ୍କବାଦ ବିରୋଧରେ ଭାରତର ସାମୂହିକ ସଙ୍କଳ୍ପକୁ ଏହା ପ୍ରତିଫଳିତ କରୁଛି । ଏଥିସହ ପ୍ରତିନିଧିମଣ୍ଡଳିରେ ସଦସ୍ୟ ଥିବା ସାଂସଦ ଏବଂ ସଦସ୍ୟଙ୍କ ତାଲିକା ସେ ପ୍ରକାଶ କରିଛନ୍ତି । ବି.ଜେ.ପି. ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ପ୍ରଥମ ଗୋଷ୍ଠୀ ସାଉଦି ଆରବ, ବାହାରିନ୍, କୁଏତ୍ ଏବଂ ଆଲ୍‌ଜେରିଆ ଗସ୍ତ କରିବେ । ଏଥିରେ ବି.ଜେ.ପି.ର ନିଶୀକାନ୍ତ ଦୁବେ, ଏ.ଆଇ.ଏମ୍.ଆଇ.ଏମ୍.ର ଅସାଦୁଦ୍ଦିନ୍ ଓୱେଶି ଏବଂ ବରିଷ୍ଠ ନେତା ଗୁଲାମନବୀ ଆଜାଦ ସଦସ୍ୟ ଅଛନ୍ତି । ବି.ଜେ.ପି. ସାଂସଦ ରବୀଶଙ୍କର ପ୍ରସାଦଙ୍କ ନେତୃତ୍ୱରେ ଦ୍ୱିତୀୟ ଗୋଷ୍ଠୀ ବ୍ରିଟେନ୍, ଫ୍ରାନ୍‌ସ, ଜର୍ମାନୀ, ୟୁରୋପୀୟ ସଂଘ, ଇଟାଲୀ ଏବଂ

ଡେନ୍‌ମାର୍କ ଗସ୍ତ କରିବେ ।  ଏଥିରେ କଂଗ୍ରେସ ସାଂସଦ ଡକ୍ଟର ଅମର ସିଂ, ଶିବସେନା ୟୁବିଟି ସାଂସଦ ପ୍ରିୟଙ୍କା ଚତୁର୍ବେଦୀ ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏମ.ଜେ ଆକବର ସଦସ୍ୟ ଅଛନ୍ତି । ଜେ.ଡି.ୟୁ. ସାଂସଦ ସଞ୍ଜୟ କୁମାର ଝା'ଙ୍କ ନେତୃତ୍ୱରେ ତୃତୀୟ ଗୋଷ୍ଠୀ ଇଣ୍ଡୋନେସିଆ, ମାଲେସିଆ, ଦକ୍ଷିଣ କୋରିଆ, ଜାପାନ୍ ଓ ସିଙ୍ଗାପୁର ଗସ୍ତରେ ଯିବେ ।  ଶ୍ରୀ ଝା'ଙ୍କ ସହ ତୃଣମୂଳ କଂଗ୍ରେସର ୟୁସୁଫ୍ ପଠାନ, ସିପିଆଇଏମ୍‌ର ଜନ୍ ବ୍ରିଟାସ୍ ଏବଂ କଂଗ୍ରେସ ନେତା ସଲମାନ ଖୁର୍ସିଦ  ଗସ୍ତରେ ଯିବେ । ଶିବସେନା ସାଂସଦ ଶ୍ରୀକାନ୍ତ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ଚତୁର୍ଥ ଗୋଷ୍ଠୀ ସଂଯୁକ୍ତ ଆରବ ଏମିରେଟ୍‌ସ୍, ଲାଇବେରିଆ, କଙ୍ଗୋ ଏବଂ ସିଏରାଲିଓନ୍ ଗସ୍ତ କରିବେ ।  ତାଙ୍କ ସହ ବିଜେପିର ବାଂଶୁରୀ ସ୍ୱରାଜ, ବିଜେଡ଼ିର ସସ୍ମିତ ପାତ୍ର, ଆଇୟୁଏମ୍‌ଏଲ୍ ସାଂସଦ ଇ.ଟି. ମହମ୍ମଦ ବସୀର ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏସ୍.ଏସ୍. ଆଲୁୱାଲିଆ ଗସ୍ତରେ ଯିବେ । କଂଗ୍ରେସ ସାସଂଦ ଶଶି ଥରୁର୍‌ଙ୍କ ନେତୃତ୍ୱରେ ପଞ୍ଚମ ଗୋଷ୍ଠୀ ଆମେରିକା, ପାନାମା, ଗୁଏନା, ବ୍ରାଜିଲ୍ ଏବଂ କଲମ୍ବିଆ ଗସ୍ତରେ ଯିବେ । ଏହି ପ୍ରତିନିଧି ମଣ୍ଡଳୀରେ ଜେଏମ୍‌ଏମ୍ ସାଂସଦ ସର୍ଫରାଜ ଅହମ୍ମଦ, ଏଲ୍‌ଜେପି ସାଂସଦ ସମ୍ଭାବୀ, ଟିଡିପିର ଜି.ଏମ୍. ହରିଶ୍ ବାଲଯୋଗୀ ଏବଂ ଶିବସେନା ସାଂସଦ ମୁରଲୀ ଦେଓରା ରହିଛନ୍ତି ।  ଡି.ଏମ୍.କେ. ସାଂସଦ କାନିମୋଝି କରୁଣାନିଧିଙ୍କ ନେତୃତ୍ୱରେ ଷଷ୍ଠ ପ୍ରତିନିଧି ମଣ୍ଡଳି ସ୍ପେନ୍, ଗ୍ରୀସ୍, ସ୍ଲୋଭେନିଆ, ଲାଟଭିଆ ଏବଂ ରୁଷ୍ ଗସ୍ତ କରିବେ ।  ଜାତୀୟ କନ୍‌ଫରେନ୍ସ ସାଂସଦ ମିଲନ ଅଲତାଫ ଅହମ୍ମଦ, ସମାଜବାଦୀ ପାର୍ଟି ସାଂସଦ ରାଜୀବ ରାଇ ଏବଂ ଆରଜେଡି ସାଂସଦ ପ୍ରେମଚନ୍ଦ ଗୁପ୍ତା ଅଛନ୍ତି । ଏନ୍.ସି.ପି.(ଏସ୍‌ସିପି) ସାଂସଦ ସୁପ୍ରିୟା ସୁଲେଙ୍କ ନେତୃତ୍ୱରେ ସପ୍ତମ ଗୋଷ୍ଠୀ ଇଜିପ୍ଟ, କତାର, ଇଥିଓପିଆ ଏବଂ ଦକ୍ଷିଣ ଆଫ୍ରିକା ଗସ୍ତରେ ଯିବେ । ଏହି ପ୍ରତିନିଧି ମଣ୍ଡଳୀରେ ବିଜେପିର ରାଜୀବ ପ୍ରତାପ ରୁଢ଼ୀ, ଅନୁରାଗ ସିଂ ଠାକୁର, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭି. ମୁରଲୀଧରନ ଏବଂ କଂଗ୍ରେସ

ସାଂସଦ ମନୀଷ ତିୱାରୀ ଯିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି ବୋଲି ଶ୍ରୀ ରିଜିଜୁ କହିଛନ୍ତି ।

## ପିଏମ୍-ଦେବେଗୌଡ଼ା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କର ୯୨ତମ ଜନ୍ମଦିନ ଅବସରରେ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ, ଦେବେଗୌଡ଼ାଙ୍କର ଜନସେବା ଏବଂ ଉଚ୍ଚାଙ୍ଗ ନେତୃତ୍ୱ ପାଇଁ ତାଙ୍କୁ ପ୍ରଶଂସା କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଶ୍ରୀ ଦେବେଗୌଡ଼ା ଜଣେ ବିଜ୍ଞ ଏବଂ ଅନ୍ତର୍ଦୃଷ୍ଟିସଂପନ୍ନ ବ୍ୟକ୍ତିତ୍ୱ । ତାଙ୍କର ଦୀର୍ଘ ଓ ନିରାମୟ ଜୀବନ ପ୍ରଧାନମନ୍ତ୍ରୀ କାମନା କରିଛନ୍ତି ।

## ପ୍ରେଜ୍-ପିଏମ୍-ଧନଖଡ଼

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କର ଜନ୍ମଦିନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ରାଷ୍ଟ୍ରପତି ଶ୍ରୀ ଧନଖଡ଼ଙ୍କର ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି । ସେ କହିଛନ୍ତି ଦୀର୍ଘବର୍ଷ ଧରି ରାଷ୍ଟ୍ରର ସେବାରେ ନିୟୋଜିତ ହୋଇଥିବାରୁ ତାଙ୍କୁ ରାଷ୍ଟ୍ରପତି ଧନ୍ୟବାଦ ଜଣାଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସମ୍ବିଧାନ ଏବଂ ଆଇନ ସଂପର୍କରେ ଶ୍ରୀ ଧନଖଡ଼ଙ୍କର ଅଗାଧ ଜ୍ଞାନ ତାଙ୍କ କାର୍ଯ୍ୟରେ ପ୍ରତିଫଳିତ ହୋଇଥାଏ । ରାଜ୍ୟସଭାର ଅଧ୍ୟକ୍ଷ ହିସାବରେ ଶ୍ରୀ ଧନଖଡ଼ଙ୍କର ଉଲ୍ଲେଖନୀୟ କାର୍ଯ୍ୟ ଯୋଗୁଁ ସେ ପ୍ରଶଂସାର ପାତ୍ର ହୋଇପାରିଛନ୍ତି । ପ୍ରଧାନମନ୍ତ୍ରୀ ତାଙ୍କର ସୁସ୍ଥ ଏବଂ ଦୀର୍ଘଜୀବନ କାମନା କରିଛନ୍ତି ।

# ହାଇଦ୍ରାବାଦ -ଫାୟାର

ହାଇଦ୍ରାବାଦର ଚାର୍‌ମିନାର ନିକଟବର୍ତ୍ତୀ ଗୁଲଜାର ହାଉସ୍ ଅଟ୍ଟାଳିକାରେ ଆଜି ସକାଳେ ଘଟିଥିବା ଅଗ୍ନିକାଣ୍ଡରେ ମୃତକଙ୍କ ସଂଖ୍ୟା ୧୭କୁ ବୃଦ୍ଧି ପାଇଛି । ଏଥିରେ ୮ ଜଣ ଶିଶୁ ଏବଂ ୬ ଜଣ ମହିଳା ଥିବା ଜଣାପଡ଼ିଛି ।  ଏହି ଘଟଣାରେ ଅନେକ ଲୋକ ଆହତ ହୋଇଛନ୍ତି । ଆହତମାନଙ୍କୁ ନିକଟବର୍ତ୍ତୀ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସେମାନଙ୍କର ଅବସ୍ଥା ଗୁରୁତର ଥିବା ଜଣାଯାଇଛି । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ୧୭ ଜଣଙ୍କୁ ଉଦ୍ଧାର କରିଥିବା ଜଣାପଡ଼ିଛି ।  ମୃତ୍ୟୁସଂଖ୍ୟା ବଢ଼ିବାର ଆଶଙ୍କା କରାଯାଉଛି । ଅଗ୍ନିକାଣ୍ଡର କାରଣ ବର୍ତ୍ତମାନ ସୁଦ୍ଧା ଜଣାପଡ଼ି ନାହିଁ । କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ଜି. କିଷନ ରେଡ୍ଡୀ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଆହତଙ୍କୁ ସମସ୍ତ ଚିକିତ୍ସା ସେବା ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

**V/O**

ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଆହତମାନଙ୍କର ଚିକିତ୍ସା ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦୁର୍ଘଟଣା ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ମୃତକଙ୍କ ନିକଟ ସଂପର୍କୀୟଙ୍କ ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ।

## ମହା-ନାଗପୁର ତ୍ରିରଙ୍ଗା ର୍‍ୟାଲି

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍ କହିଛନ୍ତି ଅପରେସନ ସିନ୍ଦୂର ମାଧ୍ୟମରେ ସମଗ୍ର ବିଶ୍ୱ ଭାରତର ସାମରିକ ଶକ୍ତି ଏବଂ ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପର ସଫଳତାକୁ ଦେଖିପାରିଛି । ନାଗପୁର ଜିଲ୍ଲାର ଖପରଖେଡ଼ା ପଞ୍ଚାୟତ ଅଞ୍ଚଳରେ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରା ପରେ ଗଣମାଧ୍ୟମକୁ ସମ୍ବୋଧିତ କରି ସେ କହିଛନ୍ତି, ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ମେକ୍ ଇନ୍ ଇଣ୍ଡିଆ ଅସ୍ତ୍ରଶସ୍ତ୍ର ଯୋଗୁଁ ଭାରତର ପ୍ରତିରକ୍ଷା କ୍ଷମତା କ୍ରମଶଃ ବୃଦ୍ଧି ପାଉଛି । ସେ ଆହୁରି କହିଛନ୍ତି ଅନ୍ତରାଷ୍ଟ୍ରୀୟ ଗଣମାଧ୍ୟମ ରିପୋର୍ଟ ଗୁଡ଼ିକ ପାକିସ୍ତାନର ବାୟୁ ଏବଂ ସାମରିକ ଘାଟି ଦ୍ୱାରା ହୋଇଥିବା କ୍ଷୟକ୍ଷତିକୁ ପ୍ରଦର୍ଶିତ କରିବା ସହ ପାକିସ୍ତାନର ମିଥ୍ୟା ଦାବିକୁ ପ୍ରଭାବଶାଳୀ ଢଙ୍ଗରେ ବିଶ୍ୱ ସମୁଦାୟ ଆଗରେ ଦେଖାଇ ପାରିଛି । ତ୍ରିରଙ୍ଗା ଶୋଭାଯାତ୍ରା ଖପରଖେଡ଼ା ପଞ୍ଚାୟତ ସମେତ ଏହାର ଆଖପାଖ ଅଞ୍ଚଳ ଅତିକ୍ରମ କରିଥିଲା । ଏଥିରେ ସ୍ଥାନୀୟ ବାସିନ୍ଦା, ଅବସରପ୍ରାପ୍ତ କର୍ମଚାରୀ ଏବଂ ବୁଦ୍ଧିଜୀବୀମାନେ ସାମିଲ ହୋଇଥିଲେ ।

---

## ୟୁଏସ୍-ଟର୍ଣ୍ଣାଡୋ

ଯୁକ୍ତରାଷ୍ଟ୍ର ଆମେରିକାର କେଣ୍ଟକି, ମିଶୋରୀ ଏବଂ ଅନ୍ୟ କେତେକ ପ୍ରଦେଶରେ ଭୟାବହ ଘୂର୍ଣ୍ଣିଝଡ଼ ହେବା ଫଳରେ ୨୭ ଜଣ ଲୋକଙ୍କର ପ୍ରାଣହାନୀ ଘଟିଥିବା ବେଳେ ୧୨ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି । କେଣ୍ଟକିର ଦକ୍ଷିଣ-ପୂର୍ବ ଅଞ୍ଚଳରେ ସର୍ବାଧିକ ୧୮ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଅଧିକାଂଶ ଗୁରୁତର ଆହତ ହୋଇଛନ୍ତି । ମିଶୋରୀ ଏବଂ ଭର୍ଜିନିଆରେ ମଧ୍ୟ ଝଡ଼ପବନ ଯୋଗୁଁ ଅନେକ ଗଛ ଉପୁଡ଼ି ପଡ଼ିବାରୁ ଲୋକମାନେ ଆହତ ହୋଇଛନ୍ତି । ମିଶୋରୀରେ ୫ ହଜାରରୁ ଊର୍ଦ୍ଧ୍ୱ

ବାସଗୃହ ନଷ୍ଟ ହୋଇଥିବା ଜଣାପଡ଼ିଛି । ପ୍ରଭାବିତ ଅଞ୍ଚଳରେ ଜରୁରୀକାଳୀନ ସେବା ଯୋଗାଇ ଦେବାକୁ ସେଠାକାର ପ୍ରଶାସନ ନିର୍ଦ୍ଦେଶ ଦେଇଛି ।

ଯୁକ୍ତରାଷ୍ଟ୍ର ଆମେରିକାର ଜାତୀୟ ସାମୁଦ୍ରିକ ଏବଂ ପରିବେଶ ବିଭାଗ ପକ୍ଷରୁ କୁହାଯାଇଛି, ହାରାହାରି ବର୍ଷକୁ ୧୨ଶହ ଘୂର୍ଣ୍ଣିଝଡ଼ ଅନୁଭୂତ ହେବାର ଜଣାଯାଇଛି । ଯୁକ୍ତରାଷ୍ଟ୍ର ଆମେରିକାକୁ ବିଶ୍ୱର ସବୁଠାରୁ ଅଧିକ ଘୂର୍ଣ୍ଣିଝଡ଼ ପ୍ରବଣ ଅଞ୍ଚଳ ଭାବରେ ଘୋଷଣା କରାଯାଇଛି ।

## ଏ.ଏସ୍.ଆଇ. - ମ୍ୟୁଜିୟମ୍ ଡେ

ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସ ଆଜି ପାଳନ କରାଯାଉଛି । ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଏବଂ ଏକ୍ଷେତ୍ରରେ ଅଧିକ ପ୍ରୋତ୍ସାହନ ପ୍ରଦାନ କରିବା ତଥା ଜନସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ପ୍ରତିବର୍ଷ ଏହି ଦିବସ ପାଳିତ ହୋଇଆସୁଛି । ଏହି ପଦକ୍ଷେପ ଅମୂଲ୍ୟ ସଂଗ୍ରହଗୁଡ଼ିକ ଉପରେ ଗବେଷଣା କରିବାକୁ ଅନନ୍ୟ ସୁଯୋଗ ପ୍ରଦାନ କରିଥାଏ । ଦେଶର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଅନୁଶୀଳନ କରିବା ଦିଗରେ ଏହା ଗୁରୁତ୍ୱ ବହନ କରେ । ଏହି ଦିବସ ପାଳନ ଅବସରରେ ଦେଶର ସମସ୍ତ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସ୍ମାରକୀ ଏବଂ ସଂଗ୍ରହାଳୟରେ ନିଃଶୁଳ୍କ ପ୍ରବେଶ ନେଇ ଏ.ଏସ୍.ଆଇ. ଘୋଷଣା କରିଛି । ସଂସ୍କୃତି ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଏ.ଏସ୍.ଆଇ.ର ୫୨ଟି ସ୍ମାରକୀ ଏବଂ ସଂଗ୍ରହାଳୟରେ ଜନସାଧାରଣ ଆଜି ନିଃଶୁଳ୍କ ପ୍ରବେଶ କରିପାରିବେ ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ଦୁଇଟି ମ୍ୟାଚ୍ ଖେଳାଯିବ । ରାଜସ୍ଥାନ ରୟାଲ୍ସ ଏବଂ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ଜୟପୁର ସୱାଇ ମାନସିଂ ଷ୍ଟାଡିୟମ୍‌ଠାରେ ଅପରାହ୍ନ ସାଢ଼େ ୩ଟାରେ ମ୍ୟାଚ୍ ଅନୁଷ୍ଠିତ ହେବ । ଦିଲ୍ଲୀର

ଅରୁଣ ଜେଟ୍‌ଲି ଷ୍ଟାଡ଼ିୟମ୍‌ଠାରେ ସନ୍ଧ୍ୟା ସାଢ଼େ ୭ଟାରେ ଗୁଜରାଟ ଟାଇଟନ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍‌ସ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍‌ଟି ଅନୁଷ୍ଠିତ ହେବ ।

ଗତକାଲି ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ଠାରେ ନାଇଟ୍ ରାଇଡର୍ସ ଏବଂ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ବର୍ଷା ଯୋଗୁଁ  ବାତିଲ ହୋଇଥିଲା । ଉଭୟ ଦଳଙ୍କ ମଧ୍ୟରେ ପଏଣ୍ଟ ଭାଗ ହୋଇଥିଲା । ତେବେ ବେଙ୍ଗାଲୁରୁ ୧୨ଟି ମ୍ୟାଚ୍‌ରୁ ୧୭ ପଏଣ୍ଟ ପାଇ ତାଲିକାର ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇଥିବାବେଳେ କୋଲ୍‌କାତା ୧୩ଟି ମ୍ୟାଚ୍‌ରୁ ୧୨ ପଏଣ୍ଟ ପାଇଁ ପ୍ଲେ-ଅଫ୍‌ରୁ ବାଦ୍ ପଡ଼ିଛି । ଗୁଜରାଟ୍ ଟାଇଟନ୍‌ସ ୧୬ ପଏଣ୍ଟ୍ ସହ ତାଲିକାର ଦ୍ୱିତୀୟ ସ୍ଥାନରେ ଥିବାବେଳେ ପଞ୍ଜାବ କିଙ୍ଗ୍‌ସ ତୃତୀୟ ସ୍ଥାନରେ ରହିଛି । ଅନ୍ୟପକ୍ଷରେ ଦିଲ୍ଲୀ ୧୧ଟି ମ୍ୟାଚ୍‌ରୁ ୧୩ ପଏଣ୍ଟ ପାଇ ପଞ୍ଚମ ସ୍ଥାନରେ ରହିଛି ।